# Akashvani, Sambalpur

## SAMBALPURI NEWS BULLETIN

### 30 July 2024- 6.47- 6.52 am.

********************************************

ମୁଖ୍ୟମନ୍ତ୍ରୀ            ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୫ ବଛର୍ ଭିତ୍‌ରେ ବଡ଼୍ ପରିବର୍ତ୍ତନ୍ ଆସ୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନୂଆଦିଲ୍ଲୀ ଗସ୍ତ ନ ଫିର୍‌ଲା ଉତ୍‌ରୁ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଓଡ଼ିଶାର୍ ବିକାଶ୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଖାସ୍ ଗୁରୁତ୍ୱ ଦେଉଛନ୍ । ସେଥିର୍‌ଲାଗି ନୀତି ଆୟୋଗ୍ ବୈଠକ୍‌ଥି ଯେନ୍‌ସବୁ ପ୍ରସ୍ତାବ୍ ଦିଆଯାଇଛେ ସେସବୁ କାର୍ଯ୍ୟକାରୀ ହେବା ବଲି କହିଛନ୍ । ଆଲୁ ଦାମ୍ ପ୍ରସଙ୍ଗଥି ସେ କହିଛନ୍ ଯେ, ପଶ୍ଚିମବଙ୍ଗ୍ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଇ ବାବ୍‌ଦେ ଆଲୋଚନା ହେଇଛେ ଆର୍ ପରିସ୍ଥିତି ସ୍ୱାଭାବିକ୍ ହେବାର୍ ମୁଲ୍ କରିଛେ ।

ଲେଖା ଅନୁଦାନ୍ ପ୍ରସ୍ତାବ        ଆର୍‌ଏନ୍‌ୟୁ / ସମ୍ବଲପୁର

ବିଧାନ୍‌ସଭା ନ ଆଏଜ୍ ଲେଖା ଅନୁଦାନ୍ ପ୍ରସ୍ତାବ୍ ଆଗତ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ଇ ଲେଖାଅନୁଦାନ୍ ଆଗତ୍ କର୍‌ବେ । ଲେଖା ଅନୁଦାନ୍‌ର ପରିମାଣ୍ ୯୫ ହଜାର୍ କୋଟି ଟଙ୍କା ବଲି ଜନାପଡ଼ିଛେ । ଆଏଜ୍ ଲେଖା ଅନୁଦାନ୍ ଉପ୍‌ରେ ଗୃହ ନ ଆଲୋଚନା ହେବାର୍‌କେ ଥିବାର୍ ବେଲେ  ମୁଖ୍ୟମନ୍ତ୍ରୀ ଆଏବା କାଏଲ୍ ବିଧାନ୍‌ସଭା ନ ବିନିଯୋଗ୍ ବିଲ୍ ଆଗତ୍ କର୍‌ବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ପ୍ରକୋଷ୍ଠ            ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠକେ ଗଲା ଜୁନ୍ ୧୬ ତାରିଖ୍‌ନୁ ଇ ମାସର୍ ୧୫ ତାରିଖ୍ ଭିତ୍‌ରେ ୧୧ ହଜାର୍ ୫ ଶହ ୪୭ ଟା ଅଭିଯୋଗ୍ ଆସିଛେ ଆଉ ସେ ଭିତ୍‌ରୁ ୨ ହଜାର୍ ଶହେ ୧୨ ଟା ଅଭିଯୋଗ୍‌ର ଫଏସଲା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ବିଧାୟକ୍ ତାରାପ୍ରସାଦ୍ ବାହିନୀପତିଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଅଲ୍‌ଗା ଅଭିଯୋଗ୍ ଶୁଣାଣି ପୋର୍ଟାଲ୍ ଜରିଏ ଭିନ୍ ଭିନ୍ ବିଭାଗ୍ ଆର୍ କାର୍ଯ୍ୟାଲୟକେ ଅଭିଯୋଗ୍ ମାନ୍‌କେ

ପଠାୟାଇଛେ । ଇତାର୍ ଜଲ୍ଦି ସମାଧାନ୍ ଲାଗି ବ୍ୟବସ୍ଥା କରାୟାଉଛେ ବଲି ସେ କହିଛନ୍ । ଅଭିଯୋଗ୍ ମାନ୍କର୍ ଜଲ୍ଦି ସମାଧାନ୍ ଲାଗି ମୁଖ୍ୟ ଶାସନ୍ ସଚିବ ଆଉ ସାଧାରଣ ଅଭିଯୋଗ୍ ଆଉ ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍ଫୁ ସମୀକ୍ଷା କରାୟାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସର୍କାରୀ କାମ୍- ଓଡ଼ିଆ ଭାଷା ଆର୍ଏନ୍ୟୁ /ସମ୍ବଲପୁର

ସର୍କାରୀ କାମ୍ଥି ଓଡ଼ିଆ ଭାଷାର୍ ବେଭାର୍ ଲାଗି ଅର୍ଥବିଭାଗ୍ ତର୍ଫୁ ବିଭାଗୀୟ ଅଧିକାରୀମାନ୍କୁ ଅର୍ଥବିଭାଗ୍ର ଅତିରିକ୍ତ ଶାସନ୍ ସଚିବ ସତ୍ୟବ୍ରତ ସାହୁ କହିଛନ୍ । ସେଥିର୍ଲାଗି ଅର୍ଥ ବିଭାଗ୍ ଆଉ ଅର୍ଥ ବିଭାଗ୍ର ଅଧୀନ୍ଥି ଥିବା ସବୁ ଅଧିକାରୀ ଆଉ କର୍ମଚାରୀମାନ୍କୁ ସବୁ ସର୍କାରୀ ନଥି, ଟିପ୍ପଣୀ, ଆଦେଶ, ବିଜ୍ଞପ୍ତି, ସ୍ମାରକ୍ପତ୍ର, ସଂକଳ୍ପ ଆଉ ଚିଠିପତ୍ର ଲେଖା ବାଗିର୍ ସବୁ କାମ୍ ଓଡ଼ିଆ ଭାଷାଥି କର୍ବାର୍କେ ଚିଠି ଜରିଏ ନିର୍ଦ୍ଦେଶ୍ ଦେଇଛନ୍ ।

ନିଟ୍- ୟୁଜି-୨୦୨୪ କାଉନ୍‌ସେଲିଂ ଆର୍‌ଏନ୍‌ୟୁ /ସମ୍ବଲପୁର

ନିଟ୍- ୟୁଜି-୨୦୨୪ କାଉନ୍‌ସେଲିଂ ଆଏବା ମାସ୧୪ ତାରିଖ୍‌ନୁ ମୁଲ୍ ହେବା । ଇ ବାବ୍‌ଦେ ମେଡ଼ିକାଲ୍ କାଉନ୍‌ସେଲିଂ କମିଟି - ଏମ୍‌ସିସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ । କାଉନ୍‌ସେଲିଂର ପୁରା ବିବରଣୀ ଇତାର୍ ୱେବ୍‌ସାଇଟ୍ ଏମ୍‌ସିସି ଡଟ୍ ଏନ୍‌ଆଇସି ଡଟ୍ ଇନ୍‌ଥି ଜାରି ହେଇଛେ । ଅଗଷ୍ଟ ପହେଲା ହପ୍ତାଥି କାଉନ୍‌ସେଲିଂ ଲାଗି ପଞ୍ଜିକରଣ୍ ମୁଲ୍ ହେବା ଆଉ ଇଥି ଅଲ୍‌ଇଣ୍ଡିଆ କୋଟା ଆଧାର୍‌ଥି ୧୫ ପ୍ରତିଶତ୍ ସିଟ୍‌ଥି କାଉନ୍‌ସେଲିଂ ପରୀକ୍ଷା ହେବା । ବାକି ୮୫ ପ୍ରତିଶତ୍ ସିଟ୍‌ଥି ରାଜ୍ୟ କୋଟାଥି କାଉନ୍‌ସେଲିଂ କରାଯିବା । ବିଜ୍ଞପ୍ତି ଅନ୍‌ସାରେ ଆଏବା ମାସ ୧୪ ନୁ ୨୧ ତାରିଖ୍ ମଏଧାନର୍ ୧୨ ବଜେତକ୍ ପଞ୍ଜିକରଣ୍ ଚାଲ୍‌ବା ।

ନାବାଳକ ଗାଡ଼ି ଚାଳନା-ଜରିମାନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ନାବାଳକ୍‌ମାନେ ଚଲଉଥିବାର୍ ଗାଡ଼ି ରୁକ୍‌ବାର୍‌କେ ରାଜ୍ୟ ପରିବହନ୍ ପ୍ରାଧିକରଣ୍ ଏସ୍‌ଟିଏ ତର୍‌ଫୁ ସ୍ୱତନ୍ତ୍ର ଅଭିଯାନ୍

ମୁଲ୍ ହେଇଛେ । ଅଭିଯାନ୍‌ର ପହେଲା ଦିନ ଶହେ ୫୩ ଟା ଚାଲାନ୍ କଟିକରି ୬୦ ଟା ଗାଡ଼ିକେ ଜବତ୍ କରାଯାଇଛେ । ନିୟମ୍ ଅନ୍‌ସାରେ ନାବାଲକ୍ ଆର୍ ନାବାଲିକା ଗାଡ଼ି ଚଲଉଥିବା ଅଭିଭାବକ୍ କି ଗାଡ଼ି ମାଲିକଙ୍କର୍ ବିରୋଧ୍‌ଥି ୨୫ ହଜାର୍ ଟଙ୍କା ତକ୍ ଜରିମାନା ବ୍ୟବସ୍ଥା ରହିଛେ । ଏନ୍ତାକି କେତେ କ୍ଷେତ୍ର‌ଥି ୩ ବରସ୍‌ତକ୍ ଜେଲ୍ ବ୍ୟବସ୍ଥା ଭିଲ୍ ରହିଛେ । ଗାଡ଼ିକେ ଜବତ୍ କର୍‌ବାର୍ ଭିଲ୍ ନିୟମ୍ ରହିଛେ ।

ଜିଏମ୍‌ୟୁ- ଚୁକ୍ତି                ଆର୍‌ଏନ୍‌ୟୁ /ସମ୍ବଲପୁର

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଆର୍ କୋରାପୁଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭିତ୍‌ରେ ଗଲାକାଏଲ୍ ୫ ବଛର୍ ଲାଗି ଗୁଟେ ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ଦୁହି ବିଶ୍ୱବିଦ୍ୟାଳୟର ଓଡ଼ିଆ, ଇଂଲିଶ୍, ସଂସ୍କୃତ୍ ଆର୍ ହିନ୍ଦୀ ଛାତ୍ରଛାତ୍ରୀ ଆର୍ ଅଧାପକ୍, ଅଧାପିକାମାନେ ଇନୁ ଲାଭ୍ ପାଏବେ ବଲି କୁହାଯାଇଛେ । ଦୁହି ବିଶ୍ୱବିଦ୍ୟାଳୟ ମିଶିକରି ଗବେଷଣା, ବହିଛାପ୍‌ବାର୍, ଶିକ୍ଷାଦାନ, ପ୍ରକଳ୍ପ କାମ୍, ତାଲିମ୍ ବ୍ୟବସ୍ଥା କରିପାର୍‌ବେ । ଇତାର୍‌ସହେତେ ଛାତ୍ରଛାତ୍ରୀମାନ୍‌କର୍ ଉନ୍ନତି ଲାଗି ପାଠ୍‌ପଢ଼ା

ମିଲିତ ପାଠଚକ୍ର, ଆଲୋଚନାଚକ୍ର, ସମ୍ମିଲନୀ ଆଉ ବାର୍ଷିକ ସାହିତ୍ୟିକ ଆର୍ ସାଂସ୍କୃତିକ ଉତ୍ସବ୍ ଭିଲ୍ ଆୟୋଜନ୍ କରାଯିବା ।

ଶିକ୍ଷା ସପ୍ତାହ ଉଦ୍‌ଯାପିତ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗଲା ୭ ଦିନ୍ ହେଲା ଚାଲିଥିବା ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଶିକ୍ଷା ମନ୍ତ୍ରଣାଳୟର୍ ନିର୍ଦ୍ଦେଶ୍ ଅନ୍‌ସାରେ ରାଜ୍ୟର୍ ସର୍‌କାରୀ ଆର୍ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍ ନ ଇ ହପ୍ତା ପାଲନ୍ କରାଯାଇଥିଲା । ଗଲାକାଏଲ୍ ଶେଷ୍ ଦିନେ ଗୋଷ୍ଠୀ ସମ୍ପୃକ୍ତି ଦିବସ୍ ପାଲନ୍ କରାଯାଇଥିଲା । ଜାତୀୟ ଶିକ୍ଷାନୀତି -୨୦୨୦ ର ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଇଥି ଠାନ୍ ପାଇଥିଲା ।

କଲାବାଘ ସଫାରି ଆର୍‌ଏନ୍‌ୟୁ / ସମ୍ବଲପୁର

ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ବାରିପଦା ମଂଚାବେଢ଼ା ନ ପୁର୍‌ଥିର୍ ପହେଲା କଲାବାଘ ସଫାରି ଆଏବା ଡିସେମ୍ବର୍ ମାସ୍‌ତକ୍ ଖୁଲ୍‌ବା ବଲି ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ- ପିପିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ । ସେ କହିଛନ୍ ଯେ, ପର୍ଯ୍ୟଟକ୍‌ମାନେ ଇ ବିରଳ ପ୍ରଜାତିର୍ ବାଘ୍

ମାନ୍‌କୁ ପାଖୁ ଦେଖିବାର୍ ସୁଯୋଗ୍ ପାଏବେ । ଇଥିର୍‌ଲାଗି କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଅନୁମୋଦନ୍ ଦେଇଛନ୍ । ଇତାର୍ ଆଘୋନୁ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ- ଏନ୍‌ଟିସିଏଙ୍କର୍ ଭିଲ୍ ଅନୁମତି ମିଳିସାରିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର          ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେ ୬ ଶହ ୧୪ ଦଶ୍‌ମିକ୍ ୮/୫ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌କେ ୨ ଲାଖ୍ ୪ ହଜାର୍ ଶହେ ୩ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ନୁ ୨୦ ଗେଟ୍, ପାୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡ୍‌ଥି ୩ ଲାଖ୍ ୪୫ ହଜାର୍ ୩ ଶହ ୨୬ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଗଲା ରଏବାର୍ ଦିନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୨୦ ଟା ସ୍ଲୁଇସ୍ ଗେଟ୍ ଦେଇକରି ଇ ବଛ୍‌ରର୍ ବଡ଼ି ପାଏନ୍ ଛଡ଼ାଯାଉଛେ ।

ପାଣିପାଗ       ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଲଗାତାର୍ ଲଘୁଚାପ୍ ସୃଷ୍ଟି ହେଇଥିବାର୍‌ନୁ ମୌସୁମୀ ସକ୍ରିୟ ରହିଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ବହୁତ୍‌ଟେ ଜାଗା ନ ମୌସୁମୀ ବର୍ଷା ଲାଗି ରହିଛେ । ସେଆଡ଼େ ଆଏବା କାଏଲ୍ ବଙ୍ଗୋପ୍‌ସାଗର୍ ନ ଆଉ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ ।